**_Tata Tea Premium_ event for promotion of Odisha Handloom on the 31st March 2023**

*Tata Tea Premium* sponsored promotion of Odisha Handloom in the *Ekamra Haat*, Unit 9, Bhubaneswar on the 31st March 2023. Shri Sanjay Kumar Panda, President *SHRADDHA* participated in the panel discussion along with *Padma Bibhusan,* Shri Sudarshan Sahoo and Odisha Cine star Ms Archita Sahu and Dr Anita Sabat. The strategy adopted by *SHRADDHA* for increasing the earning of the weavers was covered in the panel discussion, which got a positive response from the participants including the weavers.



## ଟାଟା ଟି ପ୍ରିମିୟମ ପକ୍ଷରୁ ଉତ୍କଳ କି କଳା ଅଭିଯାନ

ଭୁବନେଶ୍ୱର,୩୧।୩(ବ୍ୟୁରୋ): ଉତ୍କଳ ଦିବସ ଉପଲକ୍ଷେ ପ୍ରମୁଖ ଚା ବ୍ରାଣ୍ଡ ଟାଟା ଟି ପ୍ରିମିୟମ ଦେଶ କି ଚାଏ ପକ୍ଷରୁ ରାଜ୍ୟର ସମୃଦ୍ଧ ହସ୍ତତନ୍ତ ପରମ୍ପରାର ପାଳନ କରାଯାଇଛି । କମ୍ପାନି ଆରମ୍ଭ କରିଛି ଉତ୍କଳ କି କଳା ଅଭିଯାନ । ଏହି ଅବସରରେ ସ୍ଥାନୀୟ ଏକାମ୍ର

### ଉତ୍କଳ ଦିବସରେ ରାଜ୍ୟର ସମୃଦ୍ଧ ହସ୍ତତନ୍ତ ପରମ୍ପରାର ପାଳନ

ହାଟରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଗୋଟିଏ ଛାତ ତଳେ ଏକତ୍ରିତ ହୋଇଥିଲେ ସେଲିବ୍ରିଟି, କଳାକୃତି କର୍ମୀ, କଳା ଉତ୍ସାହୀ ଏବଂ କାରିଗର । ରାଜ୍ୟର ଲୋକପ୍ରିୟ ହସ୍ତତନ୍ତ ବୟନର ଚମତ୍କାର କାହାଣୀକୁ ଜୀବନ୍ତ କରିବା ପାଇଁ କମ୍ପାନି ଗ୍ରହଣ କରିଛି ପଦକ୍ଷେପ । ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ୯ ଭିନ୍ନ ହସ୍ତତନ୍ତ ଦ୍ୱାରା ଅନୁପ୍ରାଣିତ ଏକ ଲିମିଟେଡ ଏଡିସନ ଚା ପ୍ୟାକ୍ ଓ ବ୍ରାଣ୍ଡ ସିନେମାକୁ ଉନ୍ମୋଚନ କରାଯାଇଛି ।

କାର୍ଯ୍ୟକ୍ରମରେ ବୁଣାକାର ଏବଂ କାରୀଗରମାନଙ୍କୁ ସମ୍ମାନିତ କରାଯାଇଛି । କାର୍ଯ୍ୟକ୍ରମରେ ପଦ୍ମବିଭୂଷଣ ସୁଦର୍ଶନ ସାହୁ, କଳାକୃତି କ୍ଷେତ୍ରର ପୁନରୁଦ୍ଧାର ପାଇଁ ସମର୍ପିତ ସଂସ୍ଥା ଶ୍ରଦ୍ଧାର ସଭାପତି ତଥା ପୂର୍ବତନ କେନ୍ଦ୍ର ବୟନ ସଚିବ ସଞ୍ଜୟ କୁମାର ପଣ୍ଡା, ଓଡ଼ିଆ ଟ୍ରଷ୍ଟର ପ୍ରତିଷ୍ଠାତା ଡ.ଅନିତା ସାବତ, ଓଡ଼ିଆ ଅଭିନେତ୍ରୀ ଅର୍ଚ୍ଚିତା ସାହୁ ପାରମ୍ପରିକ ହସ୍ତତନ୍ତର ପୁନରୁଦ୍ଧାର ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ଟାଟା କନ୍‌ଜ୍ୟୁମର ପ୍ରଡକ୍ଟସ ଲିମିଟେଡର ସଭାପତି-ପ୍ୟାକେଜଡ ବେଭରେଜେସ (ଭାରତ ଓ ଦକ୍ଷିଣ ଏସିଆ) ପୁନୀତ ଦାସ କହିଛନ୍ତି, ଓଡ଼ିଶାର ହସ୍ତତନ୍ତ ସଂସ୍କୃତି ପାଳନ କରିବାକୁ ଆମେ ଉତ୍ସାହିତ ।